ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

ଗୋବିନ୍ଦପୁର-ଅରିଲୋଠାରେ ଓମ୍‌ଫେଡ୍‌ର ନିର୍ମାଣାଧୀନ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା ପରିଦର୍ଶନ କଲେ ମନ୍ତ୍ରୀ

## ଧାର୍ଯ୍ୟ ସମୟ ମଧ୍ୟରେ କାରଖାନା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭ ଅଗଷ୍ଟ, ୨୦୧୯

କଟକ ଜିଲ୍ଲା ଅନ୍ତର୍ଗତ ଗୋବିନ୍ଦପୁର-ଅରିଲୋଠାରେ ଓମ୍‌ଫେଡ୍‌ର ନିର୍ମାଣାଧୀନ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଆଜି ପୂର୍ବାହ୍ନରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାରଖାନାରେ ପ୍ରତ୍ୟହ ୫ ଲକ୍ଷ ଲିଟର ଦୁଗ୍ଧ ପ୍ରକିୟାକରଣ କରାଯିବ । ଏହି ସ୍ୱୟଂଚାଳିତ ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା ଦ୍ୱାରା ଓମ୍‌ଫେଡ୍ ଉପଭୋକ୍ତାମାନଙ୍କୁ ଉନ୍ନତ ମାନର କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇ ପାରିବ ଏବଂ ଏହା ଦ୍ୱାରା ଦୁଗ୍ଧଚାଷୀମାନଙ୍କୁ ସେମାନଙ୍କର ଦୁଗ୍ଧ ନିମନ୍ତେ ଉଚିତ ମୂଲ୍ୟ ମିଳିପାରିବ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି ।

କାରଖାନା ନିର୍ମାଣ ନିମନ୍ତେ ରାଜ୍ୟ ସରକାର ନ୍ୟାସନାଲ୍ ଡ଼ାଇରୀ ଡେଭ୍‌ଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି)କୁ ମନୋନୟନ କରିଛନ୍ତି । ୨୪୪.୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାରଖାନାକୁ ଟର୍ଣ୍ଣ କି ପଦ୍ଧତିରେ ନିର୍ମାଣ କରାଯାଉଛି । ନଭେମ୍ବର ୨୦୧୮ରେ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ୩୩ ମାସ ମଧ୍ୟରେ ସଂପୂର୍ଣ୍ଣ ହେବ । ଏହି କାରଖାନା ନିର୍ମାଣ ପାଇଁ ରାଜସ୍ୱ ବିଭାଗ ତରଫରୁ ଓମ୍‌ଫେଡ୍‌କୁ ଦିଆଯାଇଥିବା ୫୧ ଏକର ଜମି ମଧ୍ୟରେ କଟକ ଜିଲ୍ଲାର ଅରିଲୋଠାରେ ୧୮.୭ ଏକର ଏବଂ ଗୋବିନ୍ଦପୁରଠାରେ ୩୨.୩ ଏକର ଜମି ରହିଛି ।

ଏହି ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାରୁ ପ୍ରତିଦିନ ୨ ଲକ୍ଷ ଲିଟର ପ୍ୟାକେଟ୍ କ୍ଷୀର ପ୍ରସ୍ତୁତ କରାଯିବା ସହିତ ୩୦ ହଜାର ଲିଟର ଦହି, ୧୦ ହଜାର ଲିଟର ଘୋଳ ଦହି, ୫ ହଜାର ଲିଟର ଲସି ସମେତ ୩ ଟନ୍ ଲହୁଣୀ, ୮ ଟନ୍ ଘିଅ, ୩ ଟନ୍ ପନିର୍, ୫ ହଜାର ଲିଟର ସୁବାସିତ କ୍ଷୀର ଏବଂ ୨୦ ହଜାର ଟନ୍ ଦୁଗ୍ଧ ଗୁଣ୍ଡ ଉତ୍ପାଦନ କରାଯିବ ।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଏହି କାରଖାନାରେ ବିଦ୍ୟୁତ ଶକ୍ତି ବ୍ୟବହାରକୁ ହ୍ରାସ କରାଯାଇପାରିବ ଓ ଏଥିରେ ମଧ୍ୟ କମ ଜଳ ମଧ୍ୟ ବ୍ୟବହୃତ ହେବ । ଏହି ଦୁଗ୍ଧ ପ୍ରକ୍ରିୟାକରଣଜନିତ କ୍ଷୀରର କ୍ଷତି ପରିମାଣ ମଧ୍ୟ କମ ରହିବ ।

ମନ୍ତ୍ରୀ ଡ. ସାହୁଙ୍କ ପରିଦର୍ଶନ ସମୟରେ ନ୍ୟାସନାଲ୍ ଡାଏରୀ ଡେଭେଲପ୍‌ମେଣ୍ଟ ବୋର୍ଡର ଅଧ୍ୟକ୍ଷ ଶ୍ରୀ ଦିଲ୍ଲୀପ ରଥ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର୍. ରଘୁ ପ୍ରସାଦ, ଜେନେରାଲ୍ ମ୍ୟାନେଜର ଜେ. ଏସ୍ ଗାନ୍ଧୀଙ୍କ ସମେତ ଓମ୍‌ଫେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ